ODM EDUCATIONAL GROUP
Changing your Tomorrow

# ODM PUBLIC SCHOOL

SESSION : 17

CLASS : V

SUBJECT : ଓଡ଼ିଆ

CHAPTER NUMBER:07

CHAPTER NAME: ଜାପାନ ଅନୁଭୂତି

SUBTOPIC : ବିଷୟ ଆଲୋଚନା ଓ ଶବ୍ଦାର୍ଥ



Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ବିଷୟ ଆଲୋଚନା ମାଧ୍ୟମରେ ଲବ୍ଧଜ୍ଞାନ ।

# ଜାପାନ ଅନୁଭୂତି । ସନାତନ ପଣ୍ଡା

ODM EDUCATIONAL GROUP
Changing your Tomorrow

ସେଠାରେ ମାତୃଭାଷାକୁ ଅଧିକ ଗରୁତ୍ୱ ଦିଆଯାଇଥାଏ ।ଜାପାନୀ ଛାତ୍ରମାନେ ଗଣିତ,ବିଜ୍ଞାନରେ କିନ୍ତୁ ପଛୁଆ ନୁହନ୍ତି। ସେଠାର ଅଧିକାଂଶ ଭଲ ଛାତ୍ର ବୈଜ୍ଞାନିକ ହେବାପାଇଁ ଲକ୍ଷ୍ୟ ରଖନ୍ତି । ଜାପାନୀ ସ୍କୁଲରେ ପାଠ ବିଷୟ ସଙ୍ଗେ ସଙ୍ଗେ ଶାରୀରିକ ଶିକ୍ଷା ଓ ଖେଳକୁଦକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ସେଠିକାର ଛାତ୍ରଛାତ୍ରୀମାନେ କୌଣସି କାର୍ଯ୍ୟପାଇଁ ପିଅନ ଉପରେ ନିର୍ଭର କରନ୍ତି ନାହିଁ ।ଉଭୟ ପୁଅଝିଅ ମିଶି ଶ୍ରେଣୀଗୃହ,ଶିକ୍ଷକ ପ୍ରକୋଷ୍ଠ ଏପରିକି ଶୌଚାଳୟ ମଧ ନିଜେ ସଫା କରିଥାନ୍ତି । ଏହି ସଫେଇ କାର୍ଯ୍ୟ ପାଇଁ ଛାତ୍ରଛାତ୍ରୀମାନଙ୍କୁ କେତୋଟି ଦଳରେ ବିଭକ୍ତ କରାଯାଇଥାଏ । ସେମାନେ ଦଳବଦ୍ଧ ଭାବରେ ଏହି କାର୍ଯ୍ୟ କରିଥାନ୍ତି। ସେଠାରେ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତି। ଜାପାନୀମାନେ ପରିଶ୍ରମୀ ଓ କର୍ମଠ। ଜାପାନ ଆଜି ଏକ ଆଗୁଆ ରାଷ୍ଟ୍ର ହେବାର କାରଣ ମୁଖ୍ୟତଃ ତାଙ୍କର ଜୀବନଶୈଳୀ,ଏହା ମୋର ଅଙ୍ଗେ ନିଭା ଅନୁଭୂତିରୁ ଜାଣିବାକୁ ପାଇଲି ।ଜାପାନୀ ଶୃଙ୍ଖଳାର ପ୍ରଥମ ନିଦର୍ଶନ ହେଲା ସମୟାନୁବର୍ତ୍ତିତା । ସେମାନେ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ଅନୁସାରେ ହିଁ କରିଥାନ୍ତି ।ଏକ ମିନିଟ୍ ବିଳମ୍ବକୁ ମଧ ସେମାନେ ପସନ୍ଦ କରନ୍ତି ନାହିଁ ।ଏ ସଂପର୍କରେ ମୋର ଗୋଟିଏ ଅନୁଭୂତି- ଜାପାନରେ ପ୍ରାତଃ ଭୋଜନ ସମୟ ସକାଳ ୭ଟାରୁ ୮ଟା । ମାତ୍ର ୭ଟା ୩୦ମିନିଟ୍ ସମୟରେ ମୁଁ ଦେଖିଲି ତିନିଜଣ ପିଲା ପ୍ରାତଃ ଭୋଜନ ପାଇଁ ଆସି ନାହାନ୍ତି ।

# କଠିନ ଶବ୍ଦର ଅର୍ଥ

ଗୁରୁତ୍ୱ -ପ୍ରାଧାନ୍ୟ
ପ୍ରକୋଷ୍ଠ –ଗୃହ
ଶୌଚାଳୟ –ପାଇଖାନା
ବିଭକ୍ତ –ଭାଗ
ଦଳବଦ୍ଧ-ଏକାଠି
କର୍ମଠ –କାମିକା,ପରିଶ୍ରମୀ
ନିର୍ଦ୍ଧାରିତ –ସ୍ଥିରୀକୃତ

# ଜାପାନ ଅନୁଭୂତି ।



ଅନୁସନ୍ଧାନ କରି ଜାଣିଲି ଯେ ସେମାନେ ନିଘୋଡ଼ ନିଦରେ ଶୋଇଛନ୍ତି ।ମୁଁ ସେମାନଙ୍କୁ ନିଦରୁ ଉଠାଇ ତୁରନ୍ତ ପ୍ରସ୍ତୁତ ହୋଇ ଆସିବାକୁ କହିବା ସଙ୍ଗେ ସଙ୍ଗେ ସେମାନଙ୍କ ପାଇଁ ଜଳଖିଆ ରଖିବାକୁ ଅନୁରୋଧ କଲି । ମୋର ଅନୁରୋଧ ସତ୍ତ୍ୱେ ସେମାନେ ଠିକ୍ ୮ଟା ବେଳେ ଜଳଖିଆ ପ୍ରକୋଷ୍ଠର ଦ୍ୱାର ବନ୍ଦ କରିଦେଲେ । ପିଲା ତିନିଜଣ ପ୍ରସ୍ତୁତ ହୋଇ ଆସିବାବେଳକୁ ୮ଟା ବାଜି ୨ମିନିଟ୍ ହୋଇ ଯାଇଥିଲା । ମାତ୍ର ୨ମିନିଟ୍ ବିଳମ୍ବରେ ଆସିଥିବା ଭାରତୀୟ ଛାତ୍ର ତିନିଜଣଙ୍କୁ ସେଦିନ ପ୍ରାତଃ ଭୋଜନରୁ ବଞ୍ଚିତ ହେବାକୁ ପଡ଼ିଥିଲା । ମୁଁ ଦାୟିତ୍ୱରେ ଥିବା ଜାପାନୀ ସଂଯୋଜିକାଙ୍କୁ  ଜଣାଇଲି,ସେକହିଲେ, 'ମୁଁ 'ଦୁଃଖିତ,ସେମାନେ ଠିକ୍ ସମୟରେ ଆସିଲେ ନାହିଁ,ତେଣୁ ମୁଁ ସାହାଯ୍ୟ କରିବାକୁ ଅସମର୍ଥ' ।ଜାପାନରେ ସଭା  ସମିତି ନିର୍ଦ୍ଧାରିତ ସମୟରେ ଆରମ୍ଭ ହୁଏ ଓ ଶେଷ ହୁଏ । ଜାପାନୀମାନେ ଭାଷଣକୁ ପସନ୍ଦ କରନ୍ତି ନାହିଁ । ସେମାନେ ଖୁବ୍ କମ୍ କଥା କୁହନ୍ତି ଓ ସଭାର ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚନ୍ତି। ଜାପାନୀମାନେ   ସ୍ୱଭାବରେ ଅତି ସରଳ ଓ ନମ୍ର ।ସେମାନେ ଅଭିବାଦନ ଜଣାଇଲାବେଳେ ପୂରା ଅଣ୍ଟାଠାରୁ ନଇଁ ସମ୍ମାନ ଜଣାଇଥାନ୍ତି।    ନୀରବତା ମାଧ୍ୟମରେସେମାନେ ବହୁତ କିଛି ପ୍ରକାଶ କରିପାରନ୍ତି ।ସେମାନେ ଛୋଟ ଛୋଟ କଥା ପାଇଁ ମଧ ଅନ୍ୟକୁ ପ୍ରଶଂସା କରନ୍ତି। ଜାପାନୀମାନଙ୍କ ଠାରୁ ଆମ୍ଭର ଅନେକ କଥା ଶିଖିବାର ଅଛି । ଭ୍ରମଣ ପାଇଁ ଜାପାନ ଯେମିତି ଗୋଟିଏ ସୁନ୍ଦର ଦେଶ,ଶିଖିବାପାଇଁ ସେମିତି ଗୋଟିଏ ଉତ୍କୃଷ୍ଟ ସ୍ଥାନ ।

# କଠିନ ଶବ୍ଦର ଅର୍ଥ

ଅନୁସନ୍ଧାନ –ଖୋଜିବା
ତୁରନ୍ତ –ଶୀଘ୍ର
ବଞ୍ଚିତ –ନ ପାଇବା
ଅସମର୍ଥ –ସମର୍ଥ ନ ହେବା
ନମ୍ର –ଧୀର
ଅଭିବାଦନ -ସ୍ୱାଗତ
ଉତ୍କୃଷ୍ଟ – ଶ୍ରେଷ୍ଠ

# ଗୃହକର୍ମ

ଆଲୋଚିତ ପ୍ରଶ୍ନ ୨ ର ଉତ୍ତର ଖାତାରେ ଲେଖ ।

# LEARNING OUTCOME:

ଶବ୍ଦାର୍ଥ ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP